ଟିପ୍ପଣୀ

# ୩୩


# ପଶୁପାଳନ

ମାନବ ସଭ୍ୟତାର ଆରମ୍ଭରୁ ନିଜର ବିଭିନ୍ନ ପ୍ରକାର ଆବଶ୍ୟକତା ଯଥା-ଖାଦ୍ୟ(ଦୁଗ୍ଧ, ମାଂସ ଏବଂ ଅଣ୍ଡା), ବସ୍ତ୍ର(ଚମଡା କିମ୍ବା ପଶମ), ଶ୍ରମ(ବୋଝ ଖଣିକାରୁ ଉଠାଇବା) ଏବଂ ସୁରକ୍ଷା ଇତ୍ୟାଦି ପୂରଣ କରିବା ପାଇଁ ପଶୁମାନଙ୍କ ଉପରେ ମଣିଷ ନିର୍ଭର କରିଆସୁଛି । ଏହି ପ୍ରାଣୀମାନଙ୍କର ଜାତିରେ ଉନ୍ନତ ପ୍ରଜନନ ଦ୍ୱାରା ସ୍ପୃହଣୀୟ ଗୁଣବତ୍ତାର ବିକାଶ ଘଟାଇବା ମନୁଷ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅଟେ । ଏଥିପାଇଁ ମନୁଷ୍ୟ ଅନବରତଭାବେ ଚେଷ୍ଟା କରି ଗୃହପାଳିତ ପଶୁମାନଙ୍କର ଜାତିରେ ଉନ୍ନତି କରିବା ସଙ୍ଗେ ସେମାନଙ୍କୁ ଅଧିକ ଦରକାରୀ କରିଅଛନ୍ତି । ଏହି ପାଠରେ ତୁମେମାନେ ଏହି ପ୍ରକାର ପଶୁମାନଙ୍କର ସାଧାରଣ ଜାତି ସେମାନଙ୍କର ବ୍ୟବହାର ଏବଂ ସେହିମାନଙ୍କର କେତେକ ଉନ୍ନତ କିସମ ସମ୍ପର୍କରେ ଜାଣିବ ।

## ଉଦ୍ଦେଶ୍ୟ

**ଏହି ପାଠଟି ଅଧ୍ୟୟନ ପରେ ତୁମେ:**

- ପଶୁପାଳନ ଶବ୍ଦର ସଂଜ୍ଞା ଦେଇପାରିବ ।
- ଜଙ୍ଗଲୀ, ପୋଷା ଏବଂ ଗୃହପାଳିତ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବ ।
- ଗୃହପାଳିତ ପଶୁମାନଙ୍କୁ ବିଭିନ୍ନ ଶ୍ରେଣୀରେ ବର୍ଗୀକରଣ କରିପାରିବ ।
- ବିଭିନ୍ନ ପ୍ରକାର ଅଧିକ ଦୁଗ୍ଧ ପ୍ରଦାନକାରୀ ଭାରତୀୟ ଓ ବିଦେଶୀ ଗୋରୁଗାଈମାନଙ୍କର ତାଲିକା କରିପାରିବ ।
- ଗୋମହିଷାଦି ପାଳନ ଓ ଯତ୍ନ ବିଷୟରେ ବର୍ଣ୍ଣନା କରିପାରିବ ।
- ପ୍ରମୁଖ ଦୁଗ୍ଧଜାତୀୟ ଉତ୍ପାଦନଗୁଡ଼ିକର ନାମ ସୂଚାଇ ପାରିବ ।
- କୃତ୍ରିମ ବୀର୍ଯ୍ୟ ସଞ୍ଚାରଣ ଏବଂ ଭ୍ରୁଣ ପ୍ରତିରୋପଣ ପରି ଆଧୁନିକ ଜିନୀୟ କୌଶଳର ଉନ୍ନତି ବର୍ଣ୍ଣନା କରିପାରିବେ ।
- ବିଭିନ୍ନ ଉନ୍ନତ ଜାତିର ଘୁସୁରି, ମେଣ୍ଢା, ଛେଳି, ଘୋଡ଼ା, କୁକୁଡା ଏବଂ ସେମାନଙ୍କ ଉପଯୋଗକୁ ତାଲିକା କରିବାପାରିବ ।
- ପଶୁମାନଙ୍କୁ ହେଉଥିବା ସାଧାରଣ ରୋଗ, ସେଗୁଡ଼ିକର ଲକ୍ଷଣ ଓ ରୋଗର କାରକଗୁଡ଼ିକର ତାଲିକା ପ୍ରସ୍ତୁତ କରିପାରିବ ।



ଟିପ୍ପଣୀ

## ୩୩.୧ ପଶୁପାଳନ

ବିଭିନ୍ନ ପ୍ରକାର ଗୃହପାଳିତ ପଶୁଙ୍କର ପ୍ରଜନନର ଅଧ୍ୟୟନ ଏବଂ ଅଧିକ ଉତ୍ପାଦନ ଓ ସେବା ପାଇବା ନିମନ୍ତେ ସେମାନଙ୍କର ପାଳନର ବିଜ୍ଞାନକୁ ପଶୁପାଳନ କୁହାଯାଏ । 'ହଜ୍‌ବ୍ୟାଣ୍ଡ'(husband), ଶବ୍ଦରୁ 'ହଜ୍‌ବ୍ରାନ୍‌ଡ୍ରି' (husbandary)ଉଦ୍ଧୃତ ହୋଇଅଛି । ଯାହା ଅର୍ଥ ହେଲା- ଯିଏ ଯତ୍ନ ନିଏ । ଯେତେବେଳେ ଏଥିରେ ଆର୍ଥିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ ଗୃହପାଳିତ ପଶୁର ଉଚିତ ଉପଯୋଗର ଅଧ୍ୟୟନକୁ ସାମିଲ କରାଯାଏ, ତେବେ ଏହାକୁ ପଶୁଧନ ପରିଚାଳନା (Livestock management)କୁହାଯାଏ ।

### ପଶୁମାନଙ୍କର ବିଭିନ୍ନ ଶ୍ରେଣୀ

**ଜଙ୍ଗଲୀ**- ଏହି ପ୍ରକାର ପ୍ରାଣୀମାନଙ୍କୁ ଆବଦ୍ଧ ଅପେକ୍ଷା ମୁକ୍ତଭବରେ ରଖିଲେ ସେମାନଙ୍କର ପ୍ରଜନନ ଉନ୍ନତତର ହୋଇଥାଏ । ଏହି ପ୍ରାଣୀମାନଙ୍କୁ ମନୁଷ୍ୟ ଉପଯୋଗ କରିବା ସହଜ ନୁହେଁ । ଉଦାହରଣ- ବାଘ, ଚିତାବାଘ, ଗଣ୍ଡା, ହରିଣ ଆଦି ।

**ପୋଷା** - ଏମିତି ପଶୁମାନଙ୍କୁ ଜଙ୍ଗଲରୁ ଧରି ଅଣାଯାଏ ଏବଂ ଭଲଭାବେ ପ୍ରଶିକ୍ଷଣ ଦେଇ ମନୁଷ୍ୟ ଏମାନଙ୍କୁ ଉପଯୋଗ କରାଯାଏ । ଉଦାହରଣ - ହାତୀ, ସିମ୍ପାଞ୍ଜି, ଗରିଲା, ଚମରୀ ଗାଈଆଦି ।

**ଗୃହପାଳିତ** - ଏମିତିକା ପଶୁଙ୍କୁ ଘରକାର୍ଯ୍ୟରେ ଲଗାଯାଏ ଏବଂ ଘରୋଇ ବାତାବରଣରେ ସହଜରେ ପ୍ରଜନନ କରିଥାନ୍ତି । ମନୁଷ୍ୟମାନଙ୍କଦ୍ୱାରା ଏମାନଙ୍କ ପାଳନ କରାଯାଏ । ସାଧାରଣ ଗୃହପାଳିତ ପଶୁମାନେ ହେଲେ କୁକୁର, ଘୋଡା, ଗାଈ, ମେଣ୍ଢା, ମଇଁଷି, କୁକୁଡା ଇତ୍ୟାଦି ।

### ଗୃହପାଳିତ ପଶୁମାନଙ୍କର ଗୁରୁତ୍ୱ :

ବ୍ୟବହାରିକ କାରଣରୁ ଗୃହପାଳିତ ପଶୁମାନଙ୍କୁ ନିମ୍ନଲିଖିତ ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ ।

| | | | |
|---|---|---|---|
| ୧. | ଦୁଗ୍ଧ ଦେଉଥିବା ପଶୁ | - | ଗାଈ, ମଇଁଷି, ମେଣ୍ଢା, ଛେଳି ଇତ୍ୟାଦି । |
| ୨. | ଭାରବାହୀ ପଶୁ (ଓଜନ ବହନରେ ବ୍ୟବହୃତ) | - | ବଳଦ, ଘୋଡା, ଗଧ, ଖଚର, ଓଟ ହାତୀ, ଚମରୀ ଗାଈ ଇତ୍ୟାଦି । |
| ୩. | ତନ୍ତୁ, ଲୋମ ଏବଂ ଚମଡା ଦେଉଥିବା | - | ଛେଳି, ମେଣ୍ଢା, ଗୋରୁଗାଈ, ମଇଁଷି, ଓଟ ଇତ୍ୟାଦି । |
| ୪. | ମାଂସ ଓ ଅଣ୍ଡା ଦେଉଥିବା ପଶୁ | - | କୁକୁଡା ଏବଂ ହଂସ, ଛେଳି, ମଇଁଷି, ଘୁଷୁରି ଇତ୍ୟାଦି । |

## ୩୩.୨ ଦୁଗ୍ଧ ଏବଂ ମାଂସ ଯୋଗାଉଥିବା ପଶୁ

ଭାରତରେ ବିଭିନ୍ନ ପ୍ରକାରର ପଶୁଙ୍କୁ ଦୁଗ୍ଧ ଓ ମାଂସ ଯୋଗାଇବା ପାଇଁ ସେମାନଙ୍କ ଉପଲବ୍ଧି ଏବଂ ଆଞ୍ଚଳିକ ଅବସ୍ଥାକୁ ନେଇ ପାଳନ କରାଯାଇଥାଏ । ପୃଥିବୀରେ ଭାରତ ସବୁଠାରୁ ଅଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ । ଭାରତ ମଧ୍ୟ ସବୁଠାରୁ ଅଧିକ ଦୁଗ୍ଧ ବାବହାରକାରୀ ଦେଶ । ଭାରତରେ ମଇଁଷିଠାରୁ ୫୩ ପ୍ରତିଶତରୁ ଅଧିକ ଦୁଗ୍ଧ ଉତ୍ପାଦିତ

ଟିପ୍ପଣୀ

ହୁଏ ଏବଂ ଦେଶରେ ଅଧିକାଂଶ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନା ମଇଁଷି ଦୁଗ୍ଧ ଉପରେ ନିର୍ଭର କରେ ।

ଭାରତରେ ନ୍ୟାସନାଲ୍ ଡାଏରୀ ଡେଭେଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି) ସମବାୟ ଆନ୍ଦୋଳନ ଦିଗରେ ଏକ ମୁଖ୍ୟ ସଂସ୍ଥା । ବର୍ତ୍ତମାନ ଘରୋଇ ସଂସ୍ଥା ସହିତ ବିଦେଶୀ ସଂସ୍ଥାମାନଙ୍କ ନିମନ୍ତେ ଭାଗୀଦାରୀ ଯୋଜନା ଓ ବିତ୍ତୀୟ ଅଂଶଗ୍ରହଣ ନିମନ୍ତେ ପ୍ରଚେଷ୍ଟା କରୁଛି ।

**ଗୋମହିଷାଦି :** ଗାଈ, ବଳଦ, ଷଣ୍ଢ, ଛେଳି, ମେଣ୍ଢା ଇତ୍ୟାଦି ଗୋମହିଷାଦିରେ ଅନ୍ତର୍ଭୁକ୍ତ । ଏହି ଜାତିର ମାଈ ପଶୁମାନେ ଦୁଗ୍ଧ ଦିଅନ୍ତି । ଏହା ମଣିଷ ସମାଜକୁ ପୁଷ୍ଟିସାର ହିସାବରେ ଖାଦ୍ୟ ଯୋଗାଏ । ଏହି ଜାତିର ମାଈମାନେ ଦୁଗ୍ଧ ଦେଉଥିବାବେଳେ, ଅଣ୍ଡିରାମାନେ ବିଭିନ୍ନ କାମ, ମାଂସ ଏବଂ ଚମଡା ଦେଇ କୃଷି ଅର୍ଥବ୍ୟବସ୍ଥାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଦୁଗ୍ଧକୁ ବିଭିନ୍ନ ଭାବରେ ଯଥା ଘିଅ, ଦହି, ଲହୁଣି ଏବଂ ଛେନା ଇତ୍ୟାଦିରେ ଖିଆ ଯାଏ । ଏହି ଜୀବମାନଙ୍କର ବର୍ଜ୍ୟବସ୍ତୁକୁ (ଗୋବର) ଖତ, ଜୈବିକ ଗ୍ୟାସ ଏବଂ ଇନ୍ଧନ ଭାବରେ ବ୍ୟବହୃତ ହୁଏ । ଭାରତ ଓ ବିଦେଶରେ ବିଭିନ୍ନ ପ୍ରକାର ପ୍ରୟୋଜନୀୟ ପ୍ରଜନନରେ ଗୋମହିଷାଦି ଅଛନ୍ତି ।

## ୩୩.୨.୧ ଦୁଗ୍ଧ ଦେଉଥିବା ପଶୁ


**ବଂଶ(breed) କ'ଣ ?**

ସମାନ ବଂଶାନୁକ୍ରମ ଓ ଶରୀରର ଆକୃତି, ଆକାର ଓ ଗଠନରେ ସାମଞ୍ଜସ୍ୟ ଥିବା ଗୋଟିଏ ଜାତିର ପ୍ରାଣୀର ଗୋଷ୍ଠୀକୁ ଏକ ବଂଶ କୁହାଯାଏ ।


ମୁଖ୍ୟ ବଂଶର ଶ୍ରେଣୀ ବିଭାଗ

ନିମ୍ନଲିଖିତ ତିନୋଟି ବିଭାଗରେ ଅଛନ୍ତି ।

**(a)** **ଭାରତୀୟ (ବ୍ରିଡ୍) ଜାତି** - ଗିର, ସାହିୱାଲ, ନାଲିଆସିନ୍ଧି, ଥରାରକର୍, କନକ୍ରେଜ ଇତ୍ୟାଦି ହେଉଛନ୍ତି କେତେକ ଅଧିକ ଦୁଗ୍ଧ ଦେଉଥିବା ବର୍ଗର ଗାଈଗୋରୁ (ଚିତ୍ର ୩୩.୧)




ଫ୍ରିଏସିଆନ୍



ସାହିୱାଲ

ଚିତ୍ର ୩୩.୧ ଅଧିକ ଦୁଗ୍ଧ ଦେଉଥିବା ଭାରତୀୟ ପ୍ରଜନ



ଟିପ୍ପଣୀ

**(b)** **ବିଦେଶୀ ଜାତି (ଆମଦାନୀ ବ୍ରିଡ୍) ହୋଇ ଆସିଥିବା-** ହିଲଷ୍ଟେନ, ଫ୍ରିଏସିଏନ୍, ଜର୍ସି, ସୁଇସ୍ ଇତ୍ୟାଦି ହେଉଛି କିଛି ଅଧିକ ଦୁଗ୍ଧ ଦେଉଥିବା ବର୍ଗର ଗୋରୁ । ଏମାନଙ୍କ ବିଦେଶରୁ ଆମଦାନୀ କରାଯାଇଅଛି ଏବଂ ଭାରତରେ ପାଳନ କରାଯାଇଛି ।

**(c)** **ଭାରତୀୟ ଗୋରୁଗାଈଙ୍କର ଉନ୍ନତ ଜାତି (ବ୍ରିଡ୍)-** ଦୁଇଟି ଇପ୍ସିତ ବ୍ରିଡର ସଂଗମ କରାଇ ଏକ ନିଶ୍ଚିତ ଉନ୍ନତ ବ୍ରିଡ ପ୍ରସ୍ତୁତ କରାଯାଇଥାଏ । ସହିୱାଲ ଏବଂ ଫ୍ରିଏସିଏନ୍ ବର୍ଗ ମଧରେ ସଂଗମ କରି ଫ୍ରିଏୱାଲ ନାମକ ଏକ ଉନ୍ନତ କିସମ ଏବଂ ସେହିପରି ନାମକ କରନ୍ ସ୍ୱିସ୍ ନାମକ ଅନ୍ୟ ଏକ ଉନ୍ନତ କିସମ ସୃଷ୍ଟିକରି ପ୍ରଚୁର ପରିମାଣରେ ଦୁଗ୍ଧ ଉତ୍ପାଦନ ହେଉଅଛି । ସାରଣୀ ୩୩.୧ କିଛି ମୁଖ୍ୟ କିସମ ସେମାନଙ୍କର ଦୁଗ୍ଧ ଉତ୍ପାଦନ ଏବଂ ପାଳନ କରାଯାଉଥିବା ଅଞ୍ଚଳ ଦର୍ଶାଯାଇଛି ।


**ସାରଣୀ ୩୩.୧ କେତେକ କିସମ ଓ ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା**

| କିସମ | ଦୁଗ୍ଧ ଉତ୍ପାଦନ (ଲିଟର) ଦୁଗ୍ଧ ସ୍ରାବ ଅବଧିରେ | ପାଳନ ହେଉଥିବା ଅଞ୍ଚଳ |
|---|---|---|
| ଗିର | ୧୨୦୦-୨୨୦୦ | ଗୁଜରାଟ, ରାଜସ୍ଥାନ, ମହାରାଷ୍ଟ୍ର |
| ନାଲି ସିନ୍ଧି | ୭୦୦-୨୨୦୦ | ଆନ୍ଧ୍ରପ୍ରଦେଶ, ଭାରତ ଓ ପାକିସ୍ଥାନ ସମେତ ପୃଥିବୀର ସମସ୍ତ ଅଞ୍ଚଳରେ |
| ସହିୱାଲ | ୧୧୦୦-୩୧୦୦ | ହରିୟାନା, ପଞ୍ଜାବ, ଉତ୍ତର ପ୍ରଦେଶ |
| କନକ୍ରେଜ୍ | ୧୪୦୦ | ଗୁଜରାଟ |
| ଥାରପ୍ର୍‌କର୍ | ୭୦୦-୨୨୦୦ | ରାଜସ୍ଥାନ |
| ମେୱାତି | ୧୧୦୦ | ରାଜସ୍ଥାନ |
| ଅନଗୋଲ୍ | ୭୦୦ | ଆନ୍ଧ୍ରପ୍ରଦେଶ |
| ହରିୟାନା | ୫୦୦ | ଗୁଜରାଟ, ରାଜସ୍ଥାନ |
| ହାଲିକର | ୨୨୭-୧୧୩୪ ଲିଟର | ଦକ୍ଷିଣ ଭାରତ |
| କଙ୍ଗାୟମ୍ | ୬୬୫ଲିଟର | ତାମିଲନାଡୁ |

**ଦୁଗ୍ଧ ସ୍ରାବ ଅଧିକ :** ଗୋଟିଏ ଛୁଆ ଜନ୍ମ ହେବାଠାରୁ ଅନ୍ୟ ଏକ ଗର୍ଭଧାରଣ ଆରମ୍ଭ ହେବା ସମୟରେ ଦୁଗ୍ଧ ଉତ୍ପାଦନ ହେବା ସମୟକୁ ଦୁଗ୍ଧ ସ୍ରାବ ଅବଧି କୁହାଯାଏ ଏବଂ ଏହା ସାଧାରଣତଃ ୩୦୦ ଦିନ ପର୍ଯ୍ୟନ୍ତ ରହେ ।

**ମଇଁଷିଙ୍କର କିସମ**

| କିସମ | ପାଳନ ହେଉଥିବା ଅଞ୍ଚଳ |
|---|---|
| ମୁରା | ହରିୟାଣା ଓ ପଞ୍ଜାବ |
| ଭଦାୱାରୀ | ଉତ୍ତର ପ୍ରଦେଶ ଓ ମଧ ପ୍ରଦେଶ |
| ଜାଫୁରାବାଦୀ | ଗୁଜରାଟ |
| ସୁର୍ତ୍ତି | ଗୁଜରାଟ |
| ମେହଶାନା | ଗୁଜରାଟ (ସୁର୍ତ୍ତି ଓ ମୁରାର ସଂକରଣ) |
| ନାଗପୁରୀ | ମହାରାଷ୍ଟ୍ର |
| ନୀଳରବି | ପଞ୍ଜାବ |
| ପୋଲାର୍କମେଡ଼ୀ | ଓଡ଼ିଶା |



ଟିପ୍ପଣୀ

### ୩୩.୨.୨ ଗୋଖାଦ୍ୟ

ଗାଈ ଓ ମଇଁଷିମାନଙ୍କର ମୁଖ୍ୟ ଖାଦ୍ୟ ଘାସ ଅଟେ କିନ୍ତୁ ଏହା ସେମାନଙ୍କୁ ସମସ୍ତ ପ୍ରକାର ପୋଷଣ ଯୋଗାଇ ପାରି ନ ଥାଏ । ସେମାନଙ୍କର ସୁଷମ ଖାଦ୍ୟ ହିସାବରେ ବହୁପରିମାଣରେ ତନ୍ତୁଯୁକ୍ତ ଶୁଖିଲା ପଶୁ ଖାଦ୍ୟ, ଡାଲିଜାତୀୟ ଖାଦ୍ୟ । ଯଥା- ସୋୟାବିନ୍, ମଟର ଏବଂ ଶସ୍ୟଜାତୀୟ ଖାଦ୍ୟ ମକା ଓ ଜୋଆର ଆଦି ଦରକାର ହୋଇଥାଏ ।
ତନ୍ତୁଯୁକ୍ତ ଖାଦ୍ୟ (ଶୁଖିଲା କିମ୍ବା ସବୁଜ ପଶୁ ଖାଦ୍ୟ କିମ୍ବା ତନ୍ତୁମୟ ଖାଦ୍ୟ) ଏବଂ ଘନୀଭୂତ ଶସ୍ୟକଣା, ପିଡିଆ, ଧାତବଲବଣ, ଏବଂ ଭିଟାମିନ୍ ପରି ଖାଦ୍ୟ ଗୋରୁ ମହିଷାଦିମାନଙ୍କର ଖାଦ୍ୟ ଅଟେ ।

### ୩୩.୨.୩ ଦୁଗ୍ଧଜାତ ପଦାର୍ଥ

ପ୍ରାଣୀମାନଙ୍କଠାରୁ ମିଳୁଥିବା ଦୁଗ୍ଧକୁ ପୂର୍ଣ୍ଣକ୍ରିମ୍‌ଯୁକ୍ତ ଦୁଗ୍ଧ କୁହାଯାଏ । ଯେତେବେଳେ ଏଥିରୁ କ୍ରିମକୁ ଅଲଗା କରିଦିଆଯାଏ, ତେବେ ଅବଶିଷ୍ଟ ଦୁଧକୁ ଟୋନ୍‌ଡ୍ ଦୁଗ୍ଧ କହନ୍ତି । ଏହି ଦୁଗ୍ଧରେ ସ୍ନେହସାର ଅଂଶ ନ ଥାଏ ଏବଂ ଏହାକୁ ସ୍କିମଡ୍ ଦୁଗ୍ଧ ବା ସରବିହୀନ ଦୁଗ୍ଧ କୁହାଯାଏ । ସ୍ନେହସାରର ପରିମାଣକୁ ଆଧାର କରି ବିଭିନ୍ନ ପ୍ରକାର ଦୁଗ୍ଧ ଉତ୍ପାଦ ନିମ୍ନଲିଖିତ ଅଟେ ।

**କ୍ରିମ :**

ଏହା ଦୁଗ୍ଧକୁ ମନ୍ଥନ କରିବାରେ ମିଳିଥାଏ, ସ୍ନେହସାର ଅଂଶ ଉପରକୁ ଆସେ, ଏହାକୁ ତରଳ ଅଂଶ ନିଷ୍କାସନ କରିବାପରେ ଅଲଗା କରାଯାଏ । ଏଥିରେ କ୍ରିମ୍ ହିସାବରେ ୧୦-୭୦ ପ୍ରତିଶତ ସ୍ନେହସାର ଥାଏ ।

**ଦହି :**

ବୀଜାଣୁଙ୍କର ପ୍ରତିକ୍ରିୟା ଯୋଗୁଁ ଦୁଗ୍ଧ ଦହିରେ ପରିଣତ ହୋଇଥାଏ ।

**ଘୋଳଦହି :**

ଏହା ହେଉଛି ଲହୁଣି କାଢ଼ିବାପରେ ବାକି ତରଳ ପଦାର୍ଥ ।

**ଘିଅ :**

ଲହୁଣିକୁ ଗରମ କଲେ ଜଳୀୟ ଅଂଶ ବାଷ୍ପୀଭୂତ ହୁଏ ଏବଂ ଶତପ୍ରତିଶତ ସ୍ନେହସାର ରହିଯାଏ ।

**ଘନୀଭୂତ ଦୁଗ୍ଧ :**

ଚିନି ମିଶାଇ ବା ନ ମିଶାଇ ଦୁଗ୍ଧରୁ ପାଣି ଅଂଶକୁ ଅଲଗା କରି ଅଧିକ ସାନ୍ଦ୍ର କରାଯାଏ । ଏଥିରେ ୩୧% କଠିନ ଦୁଗ୍ଧ ସହିତ ୯% ସ୍ନେହସାର ଥାଏ ।

**ଗୁଣ୍ଡ ଦୁଗ୍ଧ :**


ଏହା ଦୁଗ୍ଧର ଗୁଣ୍ଡ ଅବସ୍ଥା ।

**ଛେନା :**

ଦୁଗ୍ଧ ପୁଷ୍ଟିସାର-କେଜିନ୍ ସହିତ ସ୍ନେହସାର ଓ ଜଳ ବସିଗଲେ ଛେନା ହୁଏ ।

**ଖୁଆ :**

ଜଳୀୟ ଅଂଶ ବାଷ୍ପୀଭୂତ କରି ଏବଂ ସମ୍ପୂର୍ଣ୍ଣ ପରିମାଣକୁ ପ୍ରାୟ ୭୦-୭୫ କମାଇ ଏକ ଶୁଷ୍କ ଦୁଗ୍ଧ ଉତ୍ପାଦ ପ୍ରସ୍ତୁତ କରାଯାଏ ।



ଟିପ୍ପଣୀ

**ଗୋବର :**

ଗାବରକୁ ମୁଖ୍ୟତଃ ଘସି ତିଆରି କରି ଇନ୍ଧନ ଭାବରେ ଜାଳିବାରେ ବ୍ୟବହାର କରାଯାଏ । ଭାରତର ମୁଖ୍ୟତଃ ଗାଁମାନଙ୍କରେ ଏହାର ବ୍ୟବହାର ହୁଏ । କୃଷକମାନେ ମଧ ଗୋବରକୁ ଜୈବିକ ଗ୍ୟାସ ଭାବରେ ବ୍ୟବହାର କରନ୍ତି ଓ ରହି ଯାଉଥିବା ଅଂଶକୁ ଖତ କରନ୍ତି ।

**ଜୈବିକ ଗ୍ୟାସ ପ୍ଲାଣ୍ଟ (ଗୋବର ଗ୍ୟାସ ପ୍ଲାଣ୍ଟ)**

ଜୈବିକ ଗ୍ୟାସ ପ୍ଲାଣ୍ଟ ହେଉଛି ଏକ କୋଠରୀ ଯେଉଁଥିରେ ଜୀବଜନ୍ତୁଙ୍କ ବର୍ଜ୍ୟବସ୍ତୁ (ଗାଈ ଗୋବର, ମଈଁଷି ଗୋବର ଇତ୍ୟାଦି) ଏବଂ କେତେକ ଅବାୟବୀୟ ବୀଜାଣୁଙ୍କୁ ଏକ ବାୟୁରୋଧୀ ଗ୍ୟାସ କକ୍ଷରେ ଢ଼ାଳିଦିଆଯାଏ । ପଶୁମାନଙ୍କର ମଳର ବିଘଟନରେ ମିଥେନ୍ ତିଆରି ହୁଏ । ଏହାକୁ ରୋଷେଇ କରିବାରେ ଏକ ଧୂଆଁ ବିହୀନ ଗ୍ୟାସ୍ ରୂପରେ ଉପଯୋଗ କରାଯାଏ । ଏହି ଗ୍ୟାସ ଆଲୋକ ଜଳାଇବାରେ ମଧ ବ୍ୟବହୃତ ହୁଏ । କଠିନ ବଳକା ଜିନିଷ ଖତଭାବେର ମଧ ବ୍ୟବହୃତ ହୁଏ ।

## ୩୩.୨.୪ ମାଂସ ପ୍ରଦାନ କରୁଥିବା ପ୍ରାଣୀ

**(i) ମେଣ୍ଢା** - ମନୁଷ୍ୟମାନଙ୍କ ଦ୍ୱାରା ପାଳନ କରାଯାଉଥିବା ଦ୍ୱିତୀୟ ବୃହତ୍ତମ ପ୍ରଜାତି ହେଉଛି ମେଣ୍ଢା । ଏହା ପଶମ, ମାଂସ, ଦୁଗ୍ଧ ଓ ଚମଡା ଯୋଗାଇଥାଏ । ସେମାନଙ୍କର ମଳରୁ ଭଲ ଖତ ପ୍ରସ୍ତୁତି ହୁଏ । ଭାତରରେ ମେଣ୍ଢାର ମୁଖ୍ୟ କିସମ ନିମ୍ନଲିଖିତ ଅଟେ :

**ମେଣ୍ଢାର କିସମ**

| କିସମ | ପାଳନ ହେଉଥିବା ଅଞ୍ଚଳ |
|---|---|
| ଚୋକଲା | ରାଜସ୍ଥାନ |
| ନିଆଲ | ରାଜସ୍ଥାନ ଓ ହରିୟାଣା |
| ମାରୱାରି | ରାଜସ୍ଥାନ ଓ ଗୁଜରାଟ |
| ମଗରା | ରାଜସ୍ଥାନ |
| ଜୟସେଲ୍‌ମେରୀ | ରାଜସ୍ଥାନ |
| ପୁଗୁଲ | ବିକାନିର (ରାଜସ୍ଥାନ) |
| ମାଲ୍‌ପୁରା | ରାଜସ୍ଥାନ |
| ପୋଟାନୱାଡ଼ି | ଉତ୍ତରପ୍ରଦେଶ ଏବଂ ଦିଲ୍ଲୀ |
| ମୁଜାଫରରନ୍‌ଗରୀ | ହରିୟାଣା |
| ହିସାରଡାଲେ | ହିମାଚଳ ପ୍ରଦଶେ ଓ ହରିୟାଣା |
| ନେଲୋର | ଆନ୍ଧ୍ରପ୍ରଦେଶ |
| ବେଲାରି, ହାସନ୍, ମଣ୍ଡ୍ୟା | କର୍ଣ୍ଣାଟକ |
| ମେଚେରି, କାଲିକର୍‌ସାଲ୍, ଭେମ୍‌ବୁର | ତାମିଲନାଡୁ |

**ବିଦେଶୀ କିସମ :** ମେଣ୍ଢାର ମୁଖ୍ୟ ବିଦେଶୀ କିସମ ହେଉଛି ଟୋଗେନ୍‌ବର୍ଗ, ସାନେନ, ଫ୍ରେଞ୍ଚ ଆଲ୍‌ପାଇନ୍ ଓ ନୁଇବିଆନ୍ ଏବଂ ଆଙ୍ଗୋରା ।

**ମେଣ୍ଢାର ଖାଦ୍ୟ :** ସେମାନେ ସବୁଜ ଘାସ ଏବଂ ଅନ୍ୟ ବଣୁଆ ଗଛ ଖାଆନ୍ତି । ଯେତେବେଳେ ମେଣ୍ଢାମାନଙ୍କୁ ଗୋଟିଏ ଉଦ୍ଦେଶ୍ୟ ରଖି ପାଳନ କରାଯାଏ, ସେତେବେଳେ ସେମାନଙ୍କୁ ପୁଷ୍ଟିସାର, ଖଣିଜ ପଦାର୍ଥ ଓ ଅଧିକ ଭିଟାମିନ୍ ଯୁକ୍ତ ଖାଦ୍ୟ ଦିଆଯାଏ । ସେମାନଙ୍କ ଖାଦ୍ୟର ମୁଖ୍ୟ ଉପାଦାନ ନିମ୍ନଲିଖିତ ଅଟେ :

**ଡାଲିଜାତୀୟ ପଶୁଖାଦ୍ୟ** : ବିରି, ମୁଗ, ଦରସିମ ଇତ୍ୟାଦି ।

**ପିଡ଼ିଆ** : ଚିନାବାଦାମ, ସିସେମ୍ ପିଡ଼ିଆ (ପୁଷ୍ଟିସାରରେ ପ୍ରଚୁର)

**ଶସ୍ୟ** : ମକା, ବାର୍ଲି, ଓଟ୍ ଏବଂ ଜଓ୍ୱାର ।

**(ii) ଛେଳି :** ଦୁଗ୍ଧ, ମାଂସ ଏବଂ ଚମଡା ପାଇଁ ଛେଳିମାନଙ୍କର ଉନ୍ନତ କିସମ ପାଳନ କରାଯାଏ । ଏହାର ପାଖାପାଖି ୧୯ ପ୍ରକାରର ଭାରତୀୟ କିସମ ଅଛନ୍ତି । ଏହା ଛଡା ଅନେକ ସ୍ଥାନୀୟ ଅବର୍ଣ୍ଣୀତ ପ୍ରକାରର ଛେଳି ଅଛନ୍ତି । ସେମାନେ ଦେଶର ଚାରିଆଡ଼େ ଦେଖାଯାନ୍ତି । ନିମ୍ନରେ ଉଲ୍ଲେଖ କରାଯାଇଥିବା ଛେଳିର କିସମଗୁଡିକ ସେମାନେ ଦେଖାଯାଉଥିବା ଅଞ୍ଚଳ ଆଧାରରେ କରାଯାଇଛି ।

**ହିମାଳୟ ଅଞ୍ଚଳ (ପାର୍ବତ୍ୟ ଅଞ୍ଚଳ)**

ଚାମ୍, ଗଡ : କାଶ୍ମୀର, ହିମାଚଳ ପ୍ରଦେଶ, ଜାମୁ ଓ କାଶ୍ମୀର

ପସ୍ମିନା : ହିମାଚଳ ପ୍ରଦେଶ, ଲଦାଖ, ଲାହୁଲ ଏବଂ ସ୍ପୀତୀ ଉପତ୍ୟକା ।

ଚେଗୁ : କାଶ୍ମୀର

**ଉତ୍ତରୀୟ ଅଞ୍ଚଳ**

**ଯମୁନାପାରୁ** - ଉତ୍ତରପ୍ରଦେଶ, ମଧପ୍ରଦେଶ


**ବିଟଲ** - ପଞ୍ଜାବ, ବାରହରି - ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା

**ମଧ ଅଞ୍ଚଳ :** ମାରଓ୍ୱାରି, ମେହସନା ଏବଂ ଜେଲଓ୍ୱାଡି-ରାଜସ୍ଥାନ, ଗୁଜୁରାଟ ଏବଂ ମଧପ୍ରଦେଶ କାଠିଆଓ୍ୱାର-ଗୁଜୁରାଟ ଏବଂ ରାଜସ୍ଥାନ ।

**ଦକ୍ଷିଣ ଅଞ୍ଚଳ :** ସୁରତି-ଗୁଜରାଟ, ଡେକାନି, ଓସ୍ମାନାବାଦି-ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମାଲ୍‌ବାରି-କେରଳ । ପୂର୍ବ ଅଞ୍ଚଳ : ବେଙ୍ଗଲି-ପଶ୍ଚିମବଙ୍ଗ, ଆସାମ ଓ ତ୍ରିପୁରା ।

**ଛେଳିର ଖାଦ୍ୟ :** ବହୁଳଭାବେ ସବୁଜ ପଡ଼ିଆରେ ଛେଳିମାନେ ଚରନ୍ତି । ସେମାନଙ୍କୁ କେବଳ ଶସ୍ୟକଣା ଖାଇବାକୁ ଦିଆଯାଏ । ବେଳେବେଳେ ଦୁଧିଆଳି ଛେଳିଙ୍କୁ ସୁଷମ ଖାଦ୍ୟଭାବେ ୪-୫କେଜି ପଶୁଖାଦ୍ୟ ଏବଂ ଅନ୍ୟାନ୍ୟ ଶସ୍ୟଜାତୀୟ ଖାଦ୍ୟ ଏବଂ ମକା, ଜୁଆର ଓ ଅନ୍ୟଶସ୍ୟ ଚୁନା ଓ ଚିନାବାଦାମ୍ କିମ୍ବା ଫେଂଶୀ ଚୁନା କିମ୍ବା ଡାଡଗୁଣ୍ଡର ମିଶ୍ରଣକୁ ଏକ ସୁଷମା ଖାଦ୍ୟଭାବେ ଦିଆଯାଏ ।

**(iii) ଘୁଷୁରି :** ଭାରତରେ ଘୁଷୁରୀ ପାଳନ ବିଶେଷ ଭାବରେ ଆଦୃତ ହେବାରେ ଲାଗିଛି । ଆମ ଦେଶରେ ସର୍ବୋମୋଟ ମାଂସ ଉତ୍ପାଦନର ଘୁଷୁରି ମାତ୍ର ୫ ପ୍ରତିଶତ ଯୋଗାଉଛି । ଘୁଷୁରୀ ଚର୍ମ, ଚର୍ବି ଓ ଲୋମ ଯଥାକ୍ରମେ ଚମଡାଶିଳ୍ପ, ସାବୁନ, ତେଲ, ଝାଡଣ ହିସାବରେ ବ୍ୟବହାର ହୁଏ । ଘୁଷୁରି ଖତରେ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପୋଟାସିୟମ ପ୍ରଚୁର ପରିମାଣରେ ଥାଏ ।



ଟିପ୍ପଣୀ

ଭାରତରେ ସର୍ବୋମୋଟ ମାଂସ ଉତ୍ପାଦନରେ ଘୁଷୁରି ପ୍ରାୟ ୫% ସାହାଯ୍ୟ କରୁଛି ଏବଂ ଶସ୍ତା ଦାମରେ ପ୍ରାଣୀ ପୁଷ୍ଟିସାରର ଏକ ଉତ୍ତମ ହୋଇପାରୁଛି । ପୋର୍କ (ଘୁଷୁରିର ମାଂସ)ର କ୍ୟାଲୋରି ମୂଲ୍ୟ ଅନ୍ୟ ଯେକୌଣସି ଖାଦ୍ୟପୋଯୋଗୀ ମାଂସଠାରୁ ଅଧିକ ଅଟେ । ଫାର୍ମର ବର୍ଜ୍ୟ, ଆବର୍ଜନା, ଦୂଷିତ ଖାଦ୍ୟଶସ୍ୟକୁ ଘୁଷୁରୀ ଖାଇଥାଏ ।

**ଘୁଷୁରିର କିସମ**

| କିସମ | ପାଳନ କରାଯାଉଥିବା ଅଞ୍ଚଳ |
|---|---|
| ବଡ଼ ଧଳା ୟର୍କଶାୟାର | ଇଂଲଣ୍ଡ, ଭାରତ |
| ମଧମ ଧଳା ୟର୍କଶାୟାର | ଇଂଲଣ୍ଡ, ଭାରତ |
| ଲ୍ୟାନ୍‌ଡ୍ରୋସ | ଡେନମାର୍କ |
| ଏସେକ୍ସ ସ୍ୟାଡ଼ଲବ୍ୟାକ | ହାମ୍ପଶାୟାର |
| ଟାମୱାର୍ଥ | ଇଂଲଣ୍ଡ |
| ବରସିଲେ | ଇଂଲଣ୍ଡ |

## ପାଠଗତ ପ୍ରଶ୍ନ ୩୩.୧

୧. ଗୃହପାଳିତ ପଶୁମାନଙ୍କର ଖୁଆଇବା, ସେମାନଙ୍କ ଯତ୍ନନେବା ତଥା ସେମାନଙ୍କର ପ୍ରଜନନକୁ କ'ଣ କୁହାଯାଏ ?

______________________________

୨. ଜଙ୍ଗଲୀ, ପୋଷ ଓ ପାଳିତ ପଶୁମାନଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ଦିଅ ?

______________________________

୩. ଭାରତୀୟ ଗାଈମାନଙ୍କର ଅଧିକ ଦୁଧ ଉତ୍ପାଦନ କରୁଥିବା ଦୁଇଟି ଶ୍ରେଣୀର ନାମ ଲେଖ ।

______________________________

୪. ଗୋଖାଦ୍ୟ ମୁଖ୍ୟତଃ କେଉଁଥିରେ ଗଠିତ ?

______________________________

## ୩୩.୩ ଭାରବାହୀ ପଶୁ

ଯେଉଁ ପ୍ରାଣୀମାନେ ଭାରବହନ କରିବାରେ ଦରକାର ହୁଅନ୍ତି, ସେମାନଙ୍କୁ ଭାରବାହୀ ପଶୁ କୁହାଯାଏ । ଆଦିକାଳରୁ ମନୁଷ୍ୟ ଅନେକ ପ୍ରକାରର ପଶୁଙ୍କୁ ସେମାନଙ୍କର ଯାନ୍ତ୍ରିକ ବଳ, ସହନଶୀଳତା ଓ ବେଗ ପାଇଁ ବ୍ୟବହାର କରିଆସୁଅଛି । ଘୋଡାଚଢା, ଘୋଡା ଦୌଡ଼, ହାତୀଚଢି, ଗମନାଗମନ, ବଳ ଓ ଓଜନଦାର ବସ୍ତୁ ବହନ, ମରୁଭୂମିରେ ଓଟ ଚଢିବା ସ ଜଳବିନା ଅନେକ ଦିନ ବଞ୍ଚିପାରିବା, ଗଧ ଓ ଖଚର (ଅଣ୍ଡିରା ଗଧ ଓ ମାଈ ଘୋଡାର ସଂକର)କୁ ଭାର ବହନ ବିନିଯୋଗ ଏହାର ଅନ୍ତର୍ଭୁକ୍ତ । ଅଧିକାଂଶ ଭାରବାହୀ ପଶୁ ତୃଣଭୋଜୀ ଏବଂ ଗଛର ପତ୍ର ଗୁଳ୍ମ, ଏବଂ ବୁଦାଖାଇ ବଞ୍ଚି ରହନ୍ତି । ସେମାନଙ୍କୁ ପାଳନବେଳେ ଶସ୍ୟକଣା, ଶିମ୍ବ, ତୁଳାମଞ୍ଜି, ମକା, କୁଣ୍ଡା ସହିତ ଶୁଖିଲା/ସବୁଜ ପଶୁଖାଦ୍ୟ ମଧ ଦିଆଯାଏ । ରାଜସ୍ଥାନରେ ଦୁଗ୍ଧ ପ୍ରଦାନ କରିବାରେ ଓଟ ବ୍ୟବହୃତ ହୁଏ ।

**ଘୋଡ଼ା** ଦ୍ରୁତଗତିରେ ଦୌଡ଼ିବାରେ, ବିପୁଳ ଶାରୀରିକ ଶକ୍ତି ଓ ସହନଶୀଳତା ଘୋଡ଼ାର ଅଛି । ଘୋଡ଼ା ଚାଳନା, ଭାର ବୋହିବା, ପାହାଡ଼ ଚଢ଼ିବା ଓ ଜଙ୍ଗଲ ପଥ ଅତିକ୍ରମ

ଟିପ୍ପଣୀ

କରିବାରକୁ ଏହାର ଶାରୀରିକ ଗଠନ ଅନୁକୂଳ । ସେମାନଙ୍କୁ ସହଜରେ ଯେକୌଣସି ଜଳବାୟୁରେ ପାଳନ କରାଯାଇପାରେ । ସେମାନେ ଖୁବ୍ ବେଗରେ ଯାଇପାରୁଥିବାରୁ ସେମାନଙ୍କୁ ପାହାଡ଼ିଆ ଓ ମରୁଭୂମିରେ ଉପଯୋଗୀ ।

**ସାଧାରଣ ଭାରତୀୟ ପ୍ରଜନ ଓ ସେମାନଙ୍କର ବିତରଣ ନିମ୍ନଲିଖିତ ଅଟେ ।**


| କିସମ | ଦେଖାଯାଉଥିବା ଅଞ୍ଚଳ |
|---|---|
| କାଥିଆୱାରୀ କିମ୍ବା କଉଞ୍ଚ | ରାଜସ୍ଥାନ ଏବଂ ଗୁଜରାଟ |
| ମାରଓ୍ୱାରି କିମ୍ବା ମାଲ୍‌ଭି | ରାଜସ୍ଥାନ |
| ଭୁଟିଆ | ହିମାଳୟ ଅଞ୍ଚଳର ତରାଇ ଭାଗ (ପଞ୍ଜାବ-ଭୁଟାନ) |
| ମଣିପୁର ପନି | ପୂର୍ବୀୟ ପାର୍ବତ୍ୟ ଅଞ୍ଚଳ |
| ସିପତି ପନି | ହିମାଚଳ ପ୍ରଦେଶ |

## ୩୩.୪ ଲୋମ, ଚମଡ଼ା ଓ ଚର୍ମ ପ୍ରଦାୟୀ ପଶୁ


ମାଂସ, ଦୁଗ୍ଧ ଓ ପରିବହନକୁ ଛାଡି ପଶୁସମ୍ପଦ ଅନେକ ବାଣିଜ୍ୟିକ ଉତ୍ପାଦ ଯଥା ଲୋମ, ଚର୍ମ ଓ ଚମଡା ପ୍ରଭୃତି ଯୋଗାନ୍ତି । ପଶମର ସୂତା, ରସି, ଗାଲିଚା, କପଡା ଏବଂ ଖଡ଼ଣ ପ୍ରଭୃତି ପଦାର୍ଥ କରିବା ପାଇଁ ସାଧାରଣତଃ ଛେଳି ଏବଂ ମେଣ୍ଢା ତନ୍ତୁ ଯୋଗାନ୍ତି ।

## ୩୩.୫ ଅଣ୍ଡା ଦେଉଥିବା ପ୍ରାଣୀ

ଏହି ଶ୍ରେଣୀର ଅଣ୍ଡା ଦେଉଥିବା ପ୍ରାଣୀଙ୍କର ଅଣ୍ଡାକୁ ମନୁଷ୍ୟ ପୁଷ୍ଟିସାଧନ ନିମନ୍ତେ ଖାଦ୍ୟ ପାଇଁ ପ୍ରସ୍ତୁତ କରିଥାଏ । ପକ୍ଷୀପାଳନ ପଦର ସଂଜ୍ଞା ହେଲା ଅଣ୍ଡା ଓ ମାଂସ ପାଇଁ କୁକୁଡା, ବତକ ଇତ୍ୟାଦି ପ୍ରାଣୀଙ୍କୁ ପୋଷିବା ଓ ପାଳନ କରିବା । ପକ୍ଷୀ ପାଳନ ଆଦୃତ ହେବାର କାରଣ ହେଲା ଏହାର ଖର୍ଚ୍ଚ ତୁଳନାତ୍ମକଭାବେ ଆରମ୍ଭ ଓ ପାଳନକୁ ସହଜ । ଅର୍ଥ ବିନିଯୋଗର ୧ରୁ ୬ମାସ ମଧ୍ୟରେ ଏହା ତାହାକୁ ଶୀଘ୍ର ଭରଣା କରେ । ଏହାକୁ ସୁବିଧାରେ ପାଳନ କରାଯାଇପାରେ ଏବଂ ଏଥିପାଇଁ ଅଳ୍ପ ଜାଗା ଓ ଶ୍ରମ ଦରକାର କରେ । ସେମାନଙ୍କ ଅଣ୍ଡା ପୋଷକର ଏକ ଉତ୍କୃଷ୍ଟ ଉତ୍ସ ହେଲା ପାଳିତ ପକ୍ଷୀ । ଚିତ୍ର ୩୩.୨ରେ କୁକୁଡା ମାଂସ ଓ ଅଣ୍ଡାର ପୋଷକ ଗଠନର ଏକ ତୁଳନାତ୍ମକ ବିବରଣୀ ଦିଆଯାଇଛି ।




ଚିତ୍ର ୩୩.୨ କୁକୁଡା ଓ ଅଣ୍ଡାର ସଂଘଟନ



ଟିପ୍ପଣୀ

**କୁକୁଡା ଭଳି ଗୃହପାଳିତ ପକ୍ଷୀଙ୍କର ସାଧାରଣ କିସମ**

ଭାରତୀୟ କୁକୁଡାଙ୍କର କିସମ ଉତ୍ତମ ଧରଣର ମାଂସ ଯୋଗାଇଥାନ୍ତି କିନ୍ତୁ ସେମାନଙ୍କର ଅଣ୍ଡାଗୁଡିକର ଆକାର ଛୋଟ । ବିଦେଶୀ କିସମର କୁକୁଡା ଅପେକ୍ଷା ସାଧାରଣ ରୋଗ ବିରୁଦ୍ଧରେ ସେମାନଙ୍କର ବ୍ୟାଧିରୋଧିତା ଅଧିକ । ତେଣୁ ବିଦେଶୀ କିସମଙ୍କୁ ଅଧିକ ସୁରକ୍ଷା ଓ ଟୀକାଦାନର ଆବଶ୍ୟକତା ରହିଥାଏ । ସେମାନଙ୍କର ଉତ୍ପତ୍ତିକୁ ଆଧାର କରି କୁକୁଡାକୁ ନିମ୍ନଭାବରେ ବର୍ଗୀକରଣ କରାଯାଇଛି ।

(କ) ଆମେରିକୀୟ (ଖ) ଏସୀୟ (ଗ) ଭୂମଧ୍ୟସାଗରୀୟ (ଘ) ଇଂଲଣ୍ଡୀୟ

୧) ପ୍ଲାଇମାଉଥ୍ ରକ୍, ରୋଡେ ଆଇଲାଣ୍ଡ ରେଡ୍, ନ୍ୟୁ ହାମ୍ପସାୟାର-ଆମେରିକୀୟ
୨) ବ୍ରାହ୍ମା, କୋଚିନ, ଲ୍ୟାଙ୍ଗ୍‌ସାନ୍-ଏସୀୟ
୩) ଲେଗ୍ ହର୍ନ, ମିନୋର୍କା- ଭୂମଧ୍ୟସାଗରୀୟ
୪) କରନିସ୍, ଅଷ୍ଟ୍ରାଲର୍ପ-ଇଂଲଣ୍ଡୀୟ

**ଦେଶୀ କିସମ :**

ଏସିଲ୍ : ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଉତ୍ତର ପ୍ରଦେଶ ।
ବସ୍‌ରା : ଗୁଜରାଟ ଏବଂ ମହାରାଷ୍ଟ୍ର ।
ଚିଟ୍ଟାଗଙ୍ଗ : ପୂର୍ବ ଭାରତ ।
କରକନାଥ : ମଧ ପ୍ରଦେଶ ।

(୧) **ଭାରତୀୟ କିସମ :** ଭାରତୀୟ କିସମଗୁଡ଼ିକରେ ଅନ୍ତର୍ଭୁକ୍ତ ହେଉଛନ୍ତି ଏସିଲ୍, ଚିଟ୍ଟାଗଙ୍ଗ୍, ଘାଗସ୍, ଏବଂ ବସରା । ସୋମାନଙ୍କର ଅଣ୍ଡା ଦେବାର କ୍ଷମତା ହେଉଛି ପ୍ରତି ବର୍ଷକୁ ପ୍ରାୟ ୨୦୦ ।

(୨) **ବିଦେଶୀ କିସମ :** ଅନ୍ୟ ଦେଶମାନଙ୍କରୁ ଏହିସବୁ କିସମ ଅଣାଯାଇ ଭାରତରେ ପାଳନ କରାଯାଉଛି । ହ୍ୱାଇଟ୍ ଲେଗ୍‌ହର୍ନ, ମିର୍ନୋକା, ରୋଡେ ଆଇଲ୍ୟାଣ୍ଡ ରେଡ୍ ଏଥିରେ ଅର୍ନ୍ତଭୁକ୍ତ । ଏହି ସବୁ ପକ୍ଷୀମାନେ ଶୀଘ୍ର ବଢ଼ନ୍ତି ଓ ଅଧିକ ସେମାନଙ୍କର ଅଣ୍ଡା ଦେବାର କ୍ଷମତା ଅଛି । କିନ୍ତୁ ଭାରତୀୟ ପକ୍ଷୀମାନଙ୍କ ତୁଳନାରେ କମ୍ ମାଂସ ଏମାନଙ୍କଠାରେ ଥାଏ ।

(୩) **ଉନ୍ନତ କିସମ :** ବି ୭୭, ଆଇଏଲ୍‌ଏସ୍ ୮୨ ଇତ୍ୟାଦି କିଛି ଉନ୍ନତ ପ୍ରକାରର କୁକୁଡା ଭାରତରେ ଶଙ୍କରକରଣ ଦ୍ୱାରା ସୃଷ୍ଟି ହୋଇଛି । ସେମାନେ ଶୀଘ୍ର ବଢ଼ନ୍ତି ଓ ବିଦେଶୀ ପ୍ରକାର ପରି ସେମାନଙ୍କର ଅଧିକ ଅଣ୍ଡା ଦେବା କ୍ଷମତା ଅଛି ଏବଂ ଭାରତୀୟ ଜଳବାୟୁରେ ଭଲ ଭାବରେ ଖାପ ଖୁଆଇ ଚଳନ୍ତି ।

**କୁକୁଡା ଖାଦ୍ୟ :** ମାଂସ ଓ ଅଣ୍ଡା ଉତ୍ପାଦନର ଆବଶ୍ୟକତାକୁ ଆଧାର କରି କୁକୁଡାର ଖାଦ୍ୟ ମୁଖ୍ୟତଃ ମକା, ଚାଉଳ, ଗହମ କୁଣ୍ଡା, ଚିନାବାଦାମ, ଶୁଖୁଆଗୁଣ୍ଡ, ଚୂନ ପଥର, ହାଡଗୁଣ୍ଡ ଖାଦ୍ୟ, ଲୁଣ, ଭିଟାମିନ୍ ଏବଂ ଧାତଲବଣ ଦ୍ୱାରା ଗଠିତ ।

## ୩୩.୬ ପଶୁମାନଙ୍କରେ ଜିନୀୟ ବିକାଶ

ପଶୁମାନଙ୍କର ସ୍ୱାସ୍ଥ୍ୟ ଓ ଓଜନ ପଦ୍ଧତି ନିୟମର ପ୍ରୟୋଗଦ୍ୱାରା ଦୁଗ୍ଧ ଅଣ୍ଡା ତଥା ମାଂସର ଉତ୍ପାଦନରେ ଆସିଛି । ଅଣ୍ଡା ଉତ୍ପାଦନରେ ବୃଦ୍ଧି ପଶୁପାଳନ କ୍ଷେତ୍ରରେ ରଜତ ବିପ୍ଳବ ଆଣିଛି । ଏହି ଦିଗରେ କୃତ୍ରିମ ଗର୍ଭସଞ୍ଚାର ଏବଂ ଭ୍ରୁଣ ପ୍ରତିରୋପଣ ପଦ୍ଧତିରେ ବ୍ୟବହାର କରାଯାଇଥାଏ । ଶୁକ୍ରବପନ ଏବଂ ଭ୍ରୁଣ ପ୍ରତିରୋପଣ ।

(i) କୃତ୍ରିମ ଗର୍ଭସଞ୍ଚାର **:** କୃତ୍ରିମ ଗର୍ଭସଞ୍ଚାର ପଦ୍ଧତିରେ ଇପ୍‌ସିତ କିସମର ସ୍ୱାସ୍ଥ୍ୟବାନ ଷଣ୍ଢଠାରୁ ଶୁକ୍ରାଣୁ ସଂଗ୍ରହ କରାଯାଏ । ଏହାକୁ ନିମ୍ନ ତାପମାତ୍ରାରେ ସାଇତି ରଖାଯାଏ ଏବଂ ନିର୍ଜୀବିତ ଉପକରଣ ଦ୍ୱାରା ଅନ୍ୟ ଏକ କିସମର ଗାଈଠାରେ ସମାୟନ କରଯାଏ । ଏହି ପଦ୍ଧତିର ଲାଭ ନିମ୍ନଲିଖିତ ଅଟେ ।

(କ) ଗୋଟିଏ ଷଣ୍ଢରୁ ସଂଗୃହୀତ ଶୁକ୍ରାଣୁରେ ୩୦୦୦ପର୍ଯ୍ୟନ୍ତ ଗାଈଙ୍କଠାରେ ସମାୟନ କରାଯାଇ ପାରିବ ।

(ଖ) ଶୁକ୍ରାଣୁଗୁଡ଼ିକୁ ଅଧିକ ସମୟ ପର୍ଯ୍ୟନ୍ତ ସାଇତି ରଖା ଯାଇପାରିବ ଏବଂ ବହୁତ ଦୂର ସ୍ଥାନକୁ ପ୍ରେରଣ କରାଯାଇ ପାରିବ ।

(ଗ) ସମାୟନରେ ଖର୍ଚ୍ଚ କମ୍ ଓ ସଫଳତା ହାର ଅଧିକ ।

(ii) **ଭ୍ରୁଣ ପ୍ରତିରୋପଣ** - ଛେଳି ଓ ମେଣ୍ଢା କ୍ଷେତ୍ରରେ ସେମାନଙ୍କ କିସମର ଉନ୍ନତି ସମ୍ପୂର୍ଣ୍ଣଭାବେ ସଫଳତା ଲାଭ କରିଛି । ଏହି ପଦ୍ଧତିରେ ଉନ୍ନତତର କିସମ ଭ୍ରୁଣଗୁଡ଼ିକୁ (ସେମାନଙ୍କ ବୃଦ୍ଧିର ଅବଧିକୁ ଆଧାର କରି) ଗର୍ଭାବସ୍ଥାର ପ୍ରାରମ୍ଭରୁ ଅଲଗା କରିଦିଆଯାଏ ଏବଂ ଏହାକୁ ନିମ୍ନମାନର ଗାଈଠାରେ ପ୍ରତିରୋପିତ କରାଯାଏ । ଏମାନଙ୍କର ଶରୀରରେ ଗର୍ଭଧାରଣ ସମୟ ସମ୍ପୂର୍ଣ୍ଣ ହୋଇଥାଏ । ଏହି ପଦ୍ଧତିଦ୍ୱାରା ପଶୁସମ୍ପଦରେ ଗୁଣାତ୍ମକ ଏବଂ ଉତ୍ପାଦନଶକ୍ତି ଉନ୍ନତ କରିହେବ । କୃତ୍ରିମ ଗର୍ଭସଞ୍ଚାର ଅପେକ୍ଷା ଏହି ପଦ୍ଧତିରେ ସଂକ୍ରମଣ ହେବାର ଅଧିକ ସମ୍ଭାବନା ଥିବାରୁ ଏହାର ସଫଳତା ହାର କମ୍ ।


## ୩୩.୭ପ୍ରାଣୀମାନଙ୍କର ସାଧାରଣ ରୋଗ

ବୀଜାଣୁ, ଭୁତାଣୁ, କବକ, ଆଦିପ୍ରାଣୀ ଓ କୃମି ଆଦିଦ୍ୱାରା ସଂକ୍ରମିତ ହୋଇ ଗୃହପାଳିତ ପଶୁମାନେ ବିଭିନ୍ନ ରୋଗରେ ପଡ଼ିଥାନ୍ତି ।

**(a) ଗୋରୁଗାଈ**

**ଗୋରୁଗାଈମାନଙ୍କର ସାଧାରଣ ରୋଗ ନିମ୍ନଲିଖିତ ଅଟେ :**

| ରୋଗଜନକର ପ୍ରକାର | ରୋଗ | ଲକ୍ଷଣ |
|---|---|---|
| ବୀଜାଣୁ | ଆନ୍ଥ୍ରାକ୍ସ<br>ଯକ୍ଷ୍ମା | ଶରୀରରେ ଫୁଲିଯିବା ଯୋଗୁ ଦୁଗ୍ଧ ଦେବା କମିଯାଏ<br>ଶୃଙ୍ଖଳାଭଗ୍ନ କାଶ, ଫୁସ୍‌ଫୁସ୍‌ରେ ପ୍ରଭାବ |
| ଭୁତାଣୁ | ଫାଟୁଆ ରୋଗ ଓ ଜ୍ୱର | ଅଧିକ ଲାଳବାହାରି,ଛୋଟେଇ ଚାଲିବା |
| | ପଶୁମହାମାରୀ | ଜ୍ୱରରେ ଶରୀର ଅଧିକ ତାତିବା, ତରଳ ଝାଡ଼ାରେ ରକ୍ତ ପଡ଼ିବା |
| ଆଦିପ୍ରାଣୀ | ଟ୍ରିପାନୋସୋମିୟାସିସ୍ | ମଝିରେ ମଝିରେ ଜ୍ୱର ଏବଂ ମୃତ୍ୟୁ |
| ପ୍ରାଣୀ<br>କବକ | ଯାଦୁ | ମୁଣ୍ଡରେ ଓ ଗଳାରେ ଗୋଲିଆ ଯାଦୁର ଘାଆ |



ଟିପ୍ପଣୀ

### (b) କୁକୁଡା ରୋଗ (ପକ୍ଷୀରୋଗ)

କୁକୁଡାମାନଙ୍କୁ ଠିକ୍ ଭାବରେ ବାୟୁ ଚଳାଚଳ କରୁଥିବା ସ୍ଥାନରେ ଓ କୁକୁଡା ଚିଆଁ ମାନଙ୍କୁ ଟୀକା ଦିଆଯାଏ । କୁକୁଡା ମାନଙ୍କର ରୋଗକୁ ସଂକ୍ରାମକ ଓ ଅସଂକ୍ରାମକ ରୂପେ ବିଭାଗୀକରଣ କରାଯାଇପାରେ । ତ୍ରୁଟିପୂର୍ଣ୍ଣ ପରିଚାଳନା, ତ୍ରୁଟିପୂର୍ଣ୍ଣ ଖାଦ୍ୟ ପ୍ରସ୍ତୁତି, ନିଅଣ୍ଟ ଖାଦ୍ୟ କିମ୍ବା ପୋଷଣରେ ଅଭାବହେଲା ଅସଂକ୍ରାମକ ରୋଗ ହେବାର କାରଣ । ରୋଗଜନକର ପ୍ରକାରକୁ ନେଇ ନିମ୍ନଲିଖିତ ଭାବରେ ସଂକ୍ରାମକ ରୋଗର ବିଭାଗୀକରଣ କରାଯାଇଛି ।

| | |
|---|---|
| ପରଜୀବୀ (ବାହ୍ୟ) | : ଉକୁଣୀ, ମାଇଟ୍, ଟିକ୍ସ, ରକ୍ତଶୋଷୀ କୀଟ |
| (ଅନ୍ତଃ) | : ଗୋଲକୃମି, ଫିତାକୃମି ଏବଂ ହେକ୍ସାମିଟିଆସିସ୍ |
| ଆଦିଜୀବ (ପ୍ରୋଟୋଜୋଆ) | : କୁକୁଡାରେ କକ୍‌ସିଡିଓସି, ଲ୍ୟୁକୋସାଇଟୋଜୁନୋସିସ୍ । |
| ବୀଜାଣୁ | : ପୁଲୋରମ୍, ଟାଇଫଏଡ୍, ପାରାଟାଇଫଏଡ୍, କୁକୁଡା ହଇଜା |
| ଭୂତାଣୁ | : ରାଣିକ୍ଷେତ ରୋଗ, କୁକୁଡା ବସନ୍ତ, ସଂକ୍ରାମକ ଶ୍ୱାସନଳୀୟ ପ୍ରଦାହ, ସଂକ୍ରାମକ ବରସାଇଟିସ୍, ପକ୍ଷୀଙ୍କ ଏନ୍‌ସେଫାଲୋ ମାଇସାଇଟିସ୍, ମାରେକ୍ସରୋଗ, ଲ୍ୟୁକୋସିସ୍, କ୍ରୋନିକ୍ ଶ୍ୱାସ ସମ୍ବନ୍ଧୀୟ ରୋଗ ହେପାଟାଇଟିସ୍ ଇତ୍ୟାଦି । |
| କବକୀୟ | : ଆସପରଜିଲୋସିସ୍, ମୋନିଲିଆସିସ୍ । |

### ପାଠଗତ ପ୍ରଶ୍ନ ୩୩.୨

୧. ଗୋରୁଗାଈଙ୍କର ସାଧାରଣ ବୀଜାଣୁଜନିତ ରୋଗର ନାମ ଓ ସେମାନଙ୍କର ଲକ୍ଷଣ ଦିଅ ।

_______________________________________________

୨. ଯେ କୌଣସି ଦୁଇଟି ଉନ୍ନତ ଧରଣର କୁକୁଡା କିସମର ନାମ ଦିଅ ।

_______________________________________________

୩. ଯେ କୌଣସି ଦୁଇଟି ଭାର ବହନ କରୁଥିବା ପଶୁର ନାମ ଦିଅ ।

(i) _______________________________________________

(ii) _______________________________________________

୪. ପ୍ରାଣୀମାନଙ୍କର ବଂଶଗତିରେ ଉନ୍ନତି ଦୁଇଟି ଉପାୟ ପ୍ରଦାନ କର ।

(i) _______________________________________________

(ii) _______________________________________________

୫. ଗୋଟିଏ ଗୋରୁ ରକ୍ତବିବର୍ଣ୍ଣ ଅଧିକ ଜ୍ୱରଯୁକ୍ତ ତରଳ ଝାଡ଼ାରୋଗରେ ପୀଡିତ ଅଛି । ଏହି ରୋଗର ନାମ ଦିଅ ଓ ଏହାର ଲକ୍ଷଣ ଲେଖ ।

---

୬. ପକ୍ଷୀମାନଙ୍କର ସାଧାରଣ ରୋଗସବୁ ଉଲ୍ଲେଖ କର ।


---

## ତୁମେ କ'ଣ ଶିଖିଲ :

- ପଶୁମାନଙ୍କର ପ୍ରଜନନ, ଖାଦ୍ୟାଭାସ ଓ ସେମାନଙ୍କର ପାଳନ ପଦ୍ଧତିକୁ ପଶୁପାଳନ କୁହାଯାଏ ।
- କେତେକ ଅଧିକ ଦୁଗ୍ଧ ପ୍ରଦାନକାରୀ ଗାଈ କିସମ ହେଲା- ସିନ୍ଧି, ସାହିୱାଲ୍ ଏବଂ ଥର୍ପାରକର୍ ।
- ଫ୍ରିସିଏନ୍, ଜର୍ସି, ସ୍ୱିସ୍ ଗାଈମାନେ ଅଧିକ ଦୁଗ୍ଧ ପ୍ରଦାନକାରୀ ବିଦେଶୀ କିସମ ଅଟନ୍ତି ।
- ଗୋରୁମହିଷାଦିମାନଙ୍କର ଗୋବର ଖତ, ଇନ୍ଧନ, ଜୈବିକ ଗ୍ୟାସ ରୋଷାଇ ଓ ଆଲୋକ ପାଇଁ ଯୋଗାଏ ।
- ଦୁଧ, ଉଲ୍, ଚମଡା ଏବଂ ଖତ ମେଣ୍ଢା ଯୋଗାଏ ।
- ମେଣ୍ଢାଙ୍କର ମୁଖ୍ୟ କିସମ ମଧରେ ବିକାନିରୀ, କାଶ୍ମିରୀ, ଗଡ୍ଡି ଅନ୍ତର୍ଭୁକ୍ତ ।
- ଭାରତୀୟ କୁକୁଡାମାନେ ଅଧିକ ମାଂସ ଯୋଗାଇଥାନ୍ତି ।
- ଭାରତୀୟ କୁକୁଡାମାନଙ୍କର ଅସିଲ୍, ଘାଗସ୍, ଚିଟ୍ଟାଗଙ୍ଗ ଏବଂ ବସ୍ରା କେତୋଟି କିସମ ଅଟନ୍ତି ।
- ଭାରତୀୟ କୁକୁଡାମାନଙ୍କର ମଧରେ ଆଇଏଲ୍ଏସ୍ ୮ ୨ ଏବଂ ବି ୭ ୭ କେତୋଟି ବିକଶିତ କିସମର ଅଟନ୍ତି ।
- ବଂଶଗତିରେ ଉନ୍ନତି ଆଣିବାର କେତୋଟି ଉପାୟ ହେଲା କୃତ୍ରିମ ଗର୍ଭସଞ୍ଚାର ଓ ଭ୍ରୁଣ ପ୍ରତିରୋପଣ ।
- ବୀଜାଣୁ, ଭୂତାଣୁ, କବକ ଓ ଆଦିପ୍ରାଣୀ ରୋଗରେ ଗୋରୁମହିଷାଦିମାନେ ଆକ୍ରାନ୍ତ ହୋଇପାରନ୍ତି ।
- ରାନିଖେତ ଏବଂ କୁକୁଡା ବସନ୍ତଜନିତ ପକ୍ଷୀ ରୋଗ ।

## ପାଠାନ୍ତ ପ୍ରଶ୍ନାବଳୀ :

୧. ପଶୁପାଳନ ଶବ୍ଦର ସଜ୍ଞା ଦିଅ ।



ଟିପ୍ପଣୀ

୨. କୃତ୍ରିମ ଗର୍ଭସଞ୍ଚାରର ଗୁରୁତ୍ୱ ଆଲୋଚନା କର ।

୩. ପଶୁମାନଙ୍କୁ ସେମାନଙ୍କର ଗୁରୁତ୍ୱ ଅନୁଯାୟୀ ବର୍ଗୀକରଣ କର । ପ୍ରତ୍ୟେକରୁ ଦୁଇଟି ଲେଖାଁଏ ଉଦାହରଣ ଦିଅ ।

୪. ଗୋରୁମହିଷାଦିମାନଙ୍କୁ ହେଉଥିବା ଯେକୌଣସି ତିନୋଟି ରୋଗର ନାମ ଏଥିରେ ସମ୍ପୃକ୍ତ ରୋଗଜନକ ଏବଂ ପ୍ରତ୍ୟେକର ଗୋଟିଏ ଲେଖାଏଁ ଲକ୍ଷଣ ଦିଅ ।

## ପାଠଗତ ପ୍ରଶ୍ନର ଉତ୍ତର

୩୩.୧

୧. ପଶୁପାଳନ

୨. ୩୩.୧ ଭାଗ ଦେଖ

୩. ଗିର୍, ରେଡ୍, ସିନ୍ଧି, ସହିୱାଲ୍

୪. ତନ୍ତୁଯୁକ୍ତ ଓ ଅତି ସାନ୍ଦ୍ରି

୩୩.୨

୧. ଆନ୍ଥାକ୍ସ-ଶରୀରରେ ଫୁଲା, ଯକ୍ଷ୍ମା-ଶୁଖିଲା ଖାସ, ଫୁସ୍‌ଫୁସ୍ ସଂକ୍ରମତି

୨. ଆଇଏଲ୍ଏସ୍ **82**, ବି**77** (ILS 82, B77)

୩. ଘୋଡା, ଖଚ, ଓଟ

୪. କ) କୃତ୍ରିମ ଗର୍ଭସଞ୍ଚାର      ଖ) ଭ୍ରୁଣ ପ୍ରତିରୋପଣ

୫. ରେଣ୍ଡର ପେଷ୍ଟ, ଭୂତାଣୁ

୬. ରାନିଖେତ, ଗାଈ ବସନ୍ତ